# Akashvani, Sambalpur

## SAMBALPURI NEWS BULLETIN

### 18 April 2024- 6.47- 6.52 am.

*********************************************

ପହେଲା ଖେପ୍ ଭୋଟ୍-ବିଜ୍ଞପ୍ତି ଜାରି ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ପହେଲା ଖେପ୍ ଭୋଟ୍ ଲାଗି ଆଏଜ୍ ବିଜ୍ଞପ୍ତି ବାହାର୍ବା । ଇତାର୍ସଙ୍ଗେ ନାମାଙ୍କନ୍ ପତ୍ର ଦାଖଲ୍ ମୁଲ୍ ହେବା ଆଉ ଆଏବା ୨୫ ତାରିଖ୍ ଦିନ ନାମାଙ୍କନ୍ ପତ୍ର ଦାଖଲ୍ ପ୍ରକ୍ରିୟା ଶେଷ୍ ହେବା । ୨୬ ତାରିଖ୍ ଦିନ ନାମାଙ୍କନ୍ ପତ୍ର ମାନ୍କର୍ ଯାଂଚ୍ କରାଯିବା । ୨୯ ତାରିଖ୍ତକ୍ ନାମାଙ୍କନ୍ ପତ୍ର ଫିରେଇ ନିଆଯାଇପାର୍ବା । ଆଏବା ମାସ ମେ ୧୩ ତାରିଖ୍ ଦିନ ଭୋଟ୍ ହେବା । ଇ ଖେପେ କଳାହାଣ୍ଡି, ନବରଙ୍ଗ୍ପୁର୍, ବ୍ରହ୍ମପୁର୍ ଆଉ କୋରାପୁଟ୍ ଲୋକ୍ସଭା ଆସନ୍ ସହେତେ ୨୮ ଟା ବିଧାନ୍ସଭା ଆସନ୍ ଲାଗି ଭୋଟ୍ ନିଆଯିବା ।

ଦେଶ ଲୋକ୍ସଭା ନିର୍ବାଚନ୍ ଆର୍ଏନ୍ୟୁ / ସମ୍ବଲପୁର

ଦେଶେ ପହେଲା ଖେପେ ୨୧ ଟା ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍‌ର୍ ମୋଟ୍ ଶହେ ୨ ଟା ଆସନ୍‌ଥି ଆଏବା କାଏଲ୍ ଭୋଟ୍ ହେବା । ଇଥି ପାଖାପାଖି ୧ ହଜାର୍ ୬ ଶହ ୨୫ ଝନ୍ ପ୍ରାର୍ଥୀଙ୍କର୍ ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ୍ ହେବା । ପହେଲା ଖେପେ୍ ଭୋଟ୍ ଲାଗି ନିର୍ବାଚନ୍ କମିଶନ୍‌ଙ୍କର୍ ତର୍‌ଫୁ ପ୍ରସ୍ତୁତି ଶେଷ୍ ହେଇଛେ । ସଖାଲର୍ ୮ ବଜେନୁ ଉପର୍‌ବେଲା ୫ ବଜେତକ୍ ଭୋଟ୍ ହେବା । ଇନ ଜନେଇ ଦିଆଯାଇପାରେ ଯେ, ଇଥିର୍‌ଲାଗି ଗଲାକାଏଲ୍ ପ୍ରଚାର୍ ଅଭିଯାନ୍ ଶେଷ୍ ହେଇଛେ ।

ଖରା - ୩ ଦିନ୍ ସ୍କୁଲ୍ ଛୁଟି      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଜବର୍ ଖରା ହେଉଥିବାର୍‌ନୁ ରାଜ୍ୟ ସର୍‌କାର୍ ୩ ଦିନ୍ ଲାଗି ରାଜ୍ୟର୍ ସବୁ ସ୍କୁଲ୍‌କେ ବନ୍ଦ୍ ରଖିବାର୍‌କେ ନିଷ୍ପତି ନେଇଛନ୍ । ନିଷ୍ପତି ଅନ୍‌ସାରେ ଆଏଜ୍‌ଠାନୁ ୨୦ ତାରିଖ୍‌ତକ୍ ରାଜ୍ୟର୍ ସବୁ ସର୍‌କାରୀ, ସର୍‌କାରୀ ଅନୁଦାନ୍ ପାଉଥିବା ଆର୍ ବେସର୍‌କାରୀ ସ୍କୁଲ୍‌ମାନେ ବନ୍ଦ୍ ରହେବା ।

ବିଶ୍ୱ ଐତିହ୍ୟ ଦିବସ୍      ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ବିଶ୍ୱ ଐତିହ୍ୟ ଦିବସ୍ । ଆନ୍ତର୍ଜାତୀୟ ସ୍ଥାପତ୍ୟ ପରିଷଦ୍‌ର ପ୍ରସ୍ତାବ୍ ଅନ୍‌ସାରେ ଆଝିର୍ ଦିନ୍‌କେ ବିଶ୍ୱ ଐତିହ୍ୟ ଦିବସ୍ ଭାବେ ପାଲନ୍ କର୍‌ବାର୍ ଲାଗି ୟୁନେସ୍କୋର ସାଧାରଣ ପରିଷଦ୍ ୧୯୮୨ ମସିହା ନ ନିଷ୍ପତି ନେଇଥିଲା । ସାଂସ୍କୃତିକ୍ ଐତିହ୍ୟର ବିବିଧତା ଉପ୍‌ରେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ବିଶ୍ୱ ଐତିହ୍ୟ ଦିବସ୍ ପାଲନ୍ କରାଯାଉଛେ । ଇଥର ଇ ଦିବସ୍‌ର ବାର୍ତା ରହିଛେ 'ବିବିଧତା ଆବିଷ୍କାର୍ ଆଉ ଅନୁଭବ କର' । ଇ ଅବ୍‌ସରେ ଆଏଜ୍ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯାଉଛେ ।

କୋଣାର୍କ ସୂର୍ଯ୍ୟମନ୍ଦିର୍‌କେ ଆଏଜ୍ ପ୍ରବେଶ୍ ଶୁଳ୍କ ଛାଡ଼୍ କରାଯାଇଛେ । ପର୍ଯ୍ୟଟକ୍‌ମାନ୍‌କର୍ ଲାଗି ସଖାଲର୍ ୬ ବଜେନୁ ସଞ୍ଝର୍ ୭ ବଜେତକ୍ ଇ ଶୁଳ୍କ ଛାଡ଼୍ କରାଯାଇଛେ ବଲି ଏଏସ୍‌ଆଇ ତର୍‌ଫୁ କୁହାଯାଇଛେ । ଇ ଅବ୍‌ସରେ ସୂର୍ଯ୍ୟମନ୍ଦିର୍ ପରିସର ନ ଗୁଟେ ଫଟୋ ପ୍ରଦର୍ଶନୀ ଖୁଲାଯାଇଛେ ।

ସ୍ୱତନ୍ତ୍ର ଟ୍ରେନ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଖରାମାସେ ଯାତ୍ରୀଭିଡ୍‌କେ ନଜରଥି ରଖିକରି ପୂର୍ବତଟ ରେଲ୍‌ପଥ ତରଫୁ ଭିନ୍ ଭିନ୍ ଜାଗାକେ ୨୦ ଜୁଡ଼ା ସ୍ୱତନ୍ତ୍ର ଟ୍ରେନ୍ ବ୍ୟବସ୍ଥା କରାଯାଇଛେ । ସେଥିର୍‌ଭିତ୍‌ରୁ ଗଲାକାଏଲ୍ କେତେଟା ଟ୍ରେନ୍ ଚାଲିଥିବାର୍ ବେଲେ ଆଏବା ଦିନ ଅଲ୍‌ଗା ଟ୍ରେନ୍ ମାନ୍ ଚାଲ୍‌ବା । ସେଥି ସମ୍ବଲ୍‌ପୁର୍-ପୁଣେ, ସମ୍ବଲପୁର-ଗୌହାଟୀ ସ୍ୱତନ୍ତ୍ର ଟ୍ରେନ୍ ରହିଛେ । ଇଟାର୍‌ଛଡ଼ା ଦେଶର୍ ଗୁରୁତ୍ୱପୂର୍ଣ୍ଣ ଠାନ୍ ଭିତ୍‌ରେ ପୂର୍ବତଟ ରେଲ୍‌ପଥ ପରିସୀମା ଦେଇକରି ୧୩ ଜୁଡ଼ା ଦୂରଗାମୀ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍ ଚଲାଚଲ୍ କରୁଛେ ।

ଶ୍ରୀକ୍ଷେତ୍ର ପୁରୀ- ରଥଚିରଟ          ଆର୍‌ଏନ୍‌ୟୁ /  ସମ୍ବଲପୁର

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର୍ ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ରଥ ତିଆରି ଲାଗି ଗଲାକାଏଲ୍ କଟକ୍ ଖପୁରିଆ କରତକଲ ନ ରଥକାଠ ଚିରଟ ଅନୁକୂଳ କରାଯାଇଛେ । ଶ୍ରୀମନ୍ଦିର୍‌ନୁ ଦଇତାପତି ଆଉ ଅଲ୍‌ଗା ସେବାୟତମାନେ ମହାପ୍ରଭୁଙ୍କର୍ ଆଜ୍ଞାମାଳ ନେଇକରି ଆସ୍‌ବାର୍ ଉତ୍‌ରୁ ଗଲାକାଏଲ୍ ରାମ୍‌ନଅମୀ ଅବ୍‌ସରେ କରତକଲ ନ ପୂଜାଅର୍ଚ୍ଚନା କରାଯାଇକରି ୩ ଖଁଡ଼୍ ଧଉରାକାଠ ଚିରା ଯାଇଥିଲା । ଇନ ଜନେଇ ଦିଆଯାଇପାରେ ଯେ, ଇ

କରତକଲ ନ କାଠ ଚିରାଯାଇକରି ଶ୍ରୀକ୍ଷେତ୍ର ପୁରୀକେ ନିଆଯିବା ।

ହୋମିଓପାଥି ଚିକିତ୍ସା- ରାଜ୍ୟ ସର୍କାର୍  ଆର୍ଏନ୍ୟୁ / ସମ୍ବଲପୁର

ରାଏଜେ ସ୍ୱାସ୍ଥ୍ୟକ୍ଷେତ୍ରଥି ହୋମିଓପାଥି ସେବାର ଭିତିଭୂମି ସୁଦୃଢ଼ କର୍ବାର୍ ଲାଗି ପଦକ୍ଷେପ୍ ନିଆଯାଉଛେ । ରାଜ୍ୟର୍ ସବୁ ଜିଲ୍ଲା ନ ଏତ୍କେ ହୋମିଓପାଥି ମେଡ଼ିକାଲ୍ ଅଧିକାରୀ ରହେବେ । ଇତାର୍ଛଡ଼ା ଆୟୁସ୍ ନିର୍ଦ୍ଦେଶାଲୟଥି ଉପ ନିର୍ଦ୍ଦେଶକ ଆଉ ଯୁଗ୍ମ ନିର୍ଦ୍ଦେଶକ ଭିଲ୍ କାମ୍ କର୍ବେ । ଆଘୋନୁ ରାଏଜର୍ ୩୦ ଟା ଜିଲ୍ଲା ନ ୧୫ ଝନ୍ ହୋମିଓପାଥି ମେଡ଼ିକାଲ୍ ଅଧିକାରୀ ରହୁଥିବାର୍ ବେଲେ ଏଛେନ୍ ଇତାର୍ସଂଖ୍ୟା ୩୦କେ ବଢ଼େଇ ଦିଆଯାଇଛେ । ଇ ଅଧିକାରୀମାନେ ସବୁ ହୋମିଓପାଥି ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ୍ କର୍ବାର୍ ସହେତେ ଉଷୋ ପରିମାଣ ଯାଂଚ୍ କର୍ବେ । ଇ ବାବ୍ଦେ ସର୍କାର୍ ଙ୍କର୍ ତର୍ଫୁ ଗୁଟେ ବିଜ୍ଞପ୍ତି ବାହାରିଛେ ।

ସୁନ୍ଦର୍ଗଡ଼୍- ତାଲିମ୍ ଶିବିର ଆର୍ଏନ୍ୟୁ /  ସମ୍ବଲପୁର

ସୁନ୍ଦର୍‌ଗଡ୍‌ର ଭବାନୀଶଙ୍କର୍ ଉଚ୍ଚବିଦ୍ୟାଳୟ ନ ପୁଲିଂ ଅଧିକାରୀମାନ୍‌କର୍ ଗୁଟେ ତାଲିମ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଇଥି ସୁନ୍ଦର୍‌ଗଡ୍, ରାଜ୍‌ଗାଙ୍ଗ୍‌ପୁର୍ ଆଉ ତଲ୍‌ସରା ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଲୀ ନ ନିୟୋଜିତ ହେଇଥିବା ୫ ଶହ ୭୭ ଝନ୍ ପୁଲିଂ ଅଧିକାରୀ ଯୋଗ୍ ଦେଇଥିଲେ । ନିର୍ବାଚନ୍ ପ୍ରକ୍ରିୟାଥି ପୁଲିଂ ଅଧିକାରୀମାନେ କେନ୍ତା କାମ୍ କର୍‌ବେ ସେ ବାବ୍‌ଦେ ଶିବିର୍‌ଥି ମାଷ୍ଟର୍ ଟ୍ରେନର୍‌ମାନେ ତାଲିମ୍ ଦେଇଥିଲେ । ଖାସ୍ କରି କେନ୍ତା ନିର୍ଭୁଲ୍ ଭାବେ ନିର୍ବାଚନ୍ କରାଯିବା ସେ ବାବ୍‌ଦେ ଶିବିରଥି ଜୋର୍ ଦିଆଯାଇଥିଲା । ଜିଲ୍ଲାପାଳ୍ ଗଭାଲି ପରାଗ ହର୍ଷଦ ଇଥି ଯୋଗ୍ ଦେଇକରି ତାଲିମ୍ କାର୍ଯ୍ୟକ୍ରମ୍‌ର ତଦାରଖ୍ କରିଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଗ୍ରୀଷ୍ମପ୍ରବାହ ଜାରି ରହିଛେ । ଜବର୍ ଖରା ସାଙ୍ଗେ ଗରମ୍ ଲାଗି ଲୁକେ ଡହଲ୍‌ବିକଲ୍ ହେଉଛନ୍ । ଆଏବା ୨/୩ ଦିନ୍ ଭିତ୍‌ରେ ରାଜ୍ୟର୍ ବଡ଼୍‌ଭାଗୀ ଜାଗା ନ ତାପମାତ୍ରା ୨/ ୩ ଡିଗ୍ରୀ ବଢ଼୍‌ବା । ଆଏବା ୨୦ ତାରିଖ୍‌ତକ୍ କେତେଟା ଜାଗା ନ ତାପମାତ୍ରା ୪୫ ଡିଗ୍ରୀ ପୁହୁଁଚିପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ । ସେଥିର୍‌ଲାଗି

ମୟୁର୍‌ଭଞ୍ଜ, ନୟାଗଡ୍‌, ନୂଆପଡ଼ା ଆର୍‌ ଗଜପତି ଜିଲ୍ଲା ଲାଗି ପାଣିପାଗ୍‌ ବିଭାଗ୍‌ ତର୍‌ଫୁ ଅରେଞ୍ଜ୍‌ ୱାର୍ଣ୍ଣିଂ ଜାରି କରାଯାଇଛେ । ଦର୍‌କାରୀ ସତର୍କତା ଅବଲମ୍ୱନ୍‌ କର୍‌ବାର୍‌ ଲାଗି ଲୋକ୍‌ମାନ୍‌କୁ ପରାମର୍ଶ ଦିଆଯାଇଛେ । ସେନ୍ତା ଜିଲ୍ଲା ପ୍ରଶାସନ୍‌ ସଜାଗ୍‌ ରହେବାର୍‌ ସହେତେ ପରିସ୍ଥିତିକେ ଦେଖିକରି ନିଷ୍ପତି ନେବାର୍‌କେ ସ୍ୱତନ୍ତ୍ର ରିଲିଫ୍‌ କମିଶନର୍‌ଙ୍କର୍‌ ତର୍‌ଫୁ ଜିଲ୍ଲାପାଲ୍‌ମାନ୍‌କୁ କୁହାଯାଇଛେ ।

ସେଆଡ଼େ ଗଲାକାଏଲ୍‌ ପହେଲାଥର୍‌ ଲାଗି ରାଜ୍ୟର୍‌ ୩୦ ଟା ସହର୍‌ ନ ଦିନର୍‌ ସବୁନୁ ଜହ ତାତି ୪୦ ଡିଗ୍ରୀ ଉପ୍‌ରେ ଥିଲା । ସବୁନୁ ଜହ ତାଲ୍‌ଚେର୍‌ ନ ତାତି ୪୩ ଦଶ୍‌ମିକ୍‌ ୨ ଡିଗ୍ରୀ ଥିବାର୍‌ ବେଲେ ପଶ୍ଚିମ ଓଡ଼ିଶାର୍‌ ନୂଆପଡ଼ା ନ ତାତି ୪୩ ଆର୍‌ ଟିଟିଲାଗଡ୍‌ ନ ତାତି ୪୨ ଦଶ୍‌ମିକ୍‌ ୫ ଡିଗ୍ରୀ ସେଲ୍‌ସିଅସ୍‌ ଥିଲା ।